# ଭାରତୀୟ ଜନତା ପାର୍ଟି, ଓଡିଶା

ଆସନ୍ତା କାଲିଠୁ ଆରମ୍ଭ ହେବାକୁ ଥିବା ବିଧାନସଭା ଅଧିବେସନ ପାଇଁ ବିଜେପି ବିଧାୟକ ଦଳ ବୈଠକ

## ରାଜ୍ୟ ସରକାରଙ୍କ ବିଭିନ୍ନ ବିଫଳତାକୁ ମୁଖ୍ୟ ପ୍ରସଙ୍ଗ କରିବ ବିଜେପି : ପ୍ରଦୀପ ପୁରୋହିତ

- **କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ କାର୍ଯ୍ୟକାରୀ ନକରିବା, ସ୍ୱଚ୍ଛ ଭାରତ, ସୌଭାଗ୍ୟ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନାରେ ଘୋଟାଲା ଆଦି ହେବ ମୁଖ୍ୟ ପ୍ରସଙ୍ଗ**
- **ନିର୍ବାଚିତ ପ୍ରତିନିଧି ଓ ପଲ୍ଲୀସଭାର ସମ୍ବିଧାନର ଅଧିକାରକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କ୍ଷୁର୍ଣ୍ଣକୁ ପ୍ରସଙ୍ଗ କରାଯିବ**
- **ରାଜ୍ୟରେ ବଢି ଚାଲିଥିବା ଦୁର୍ନୀତି, ମହିଳା ନିର୍ଯ୍ୟାତନା, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ଚାଷୀ ସମସ୍ୟାକୁ ପାର୍ଟି ମୁଖ୍ୟ ପ୍ରସଙ୍ଗ କରିବ**

ଭୁବନେଶ୍ୱର, ତା.୦୩/୦୯: ଆସନ୍ତା କାଲିଠୁ ଆରମ୍ଭ ହେବାକୁ ଯାଉଥିବା ବିଧାନସଭା ବୈଠକରେ ବିଭିନ୍ନ ବିଫଳତାକୁ ନେଇ ଭାରତୀୟ ଜନତା ପାର୍ଟୀ ବିଧାୟକମାନେ  ରାଜ୍ୟ ସରକାରଙ୍କୁ ଘେରିବେ ବୋଲି ବିଧାୟକ ଦଳ ବୈଠକ ସମାପ୍ତ ହେବା ପରେ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ସୁଚନା ଦେଇଛନ୍ତି ।

ଶ୍ରୀ ପୁରୋହିତ ସୁଚନା ଦେଇ କହିଛନ୍ତି ଯେ, ସାଧାରଣ ଗରିବ ଲୋକ ବିଶେଷ ଭାବେ ବାହାର ରାଜ୍ୟକୁ ଯାଇ କାମ କରୁଥିବା ଲୋକଙ୍କୁ ୫ ଲକ୍ଷ ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ଆୟୁଷ୍ମାନ ଭାରତ ଭଳି ଯୋଜନାକୁ ରାଜ୍ୟ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଗରିବ ଓଡିଆଙ୍କ ସହ କରିଥିବା ବିଶ୍ୱାସଘାତକତାକୁ ପ୍ରସଙ୍ଗ କରାଯିବ ।

ସେହିପରି ଗରିବ ମାଁର ସମ୍ମାନର ରକ୍ଷା ସକାଶେ ଶୌଚାଳୟ ନିର୍ମାଣ ପାଇଁ ମୋଦିଙ୍କ ପ୍ରର୍ଯ୍ୟାପ୍ତ ଅର୍ଥ ପ୍ରଦାନ ସତ୍ୱେ ରାଜ୍ୟରେ ପାଇଖାନା ନିର୍ମାଣର ଶୀତିଳତା ଉପରେ ତଥ୍ୟ ଉପସ୍ଥାପନ କରାଯାଇ ରାଜ୍ୟ ସରକାରଙ୍କୁ ପ୍ରଶ୍ନ ପଚରାଯିବ ବୋଲି ଶ୍ରୀ ପୁରୋହିତ ସୁଚନା ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ସୌଭାଗ୍ୟ ଯୋଜନାରେ ରାଜ୍ୟରେ ମାଗଣା ବିଜୁଳି ପରିବର୍ତେ ଟଙ୍କା ଆଦାୟ ହେବା, ବିଜୁଳି ଯୋଗାଣରେ ଶିଥିଳତା, ରାଜ୍ୟରେ ଅଘୋଷିତ ବିଜୁଳିକାଟ ସହ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଆଧାରରେ ୩ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ରାସନକାର୍ଡ ଯୋଗାଇବା ପାଇଁ ସରକାରଙ୍କ ପାଖରେ ବ୍ୟବସ୍ଥା ଥିବା ବେଳେ ଯାଂଚ ହୋଇ ତାଲିକା ପ୍ରସ୍ତୁତ ସତ୍ୱେ ମଧ୍ୟ ହଜାର ହଜାର ଆଦିବାସୀ ପରିବାରଙ୍କୁ ୧ ଟଙ୍କିଆ ଚାଉଳରୁ ବଂଚିତ କରାଯିବା ବିରୋଧରେ ବିଧାନସଭାରେ ପ୍ରସଙ୍ଗ କରାଯିବ ବୋଲି ଶ୍ରୀ ପୁରୋହିତ କହିଛନ୍ତି ।

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଆଧାରରେ ପଂଚାୟତର ଅଧିକାର କ୍ଷୁର୍ଣ୍ଣ କରାଯାଇ ମୁଖ୍ୟମନ୍ତ୍ରୀ ନିର୍ବାଚିତ ପ୍ରତିନିଧି ଓ ପଲ୍ଲୀସଭାର ସମ୍ବିଧାନର ଅଧିକାରକୁ କ୍ଷୁର୍ଣ୍ଣ କରାଯିବାକୁ ପ୍ରସଙ୍ଗ କରାଯିବ ବୋଲି ଶ୍ରୀ ପୁରୋହିତ କହିଛନ୍ତି ।

କେନ୍ଦ୍ରୀୟ ପ୍ରକଳ୍ପକୁ ବନ୍ଦ କରିବା ପାଇଁ ତୃତୀୟ ମହଲାର ଛତ୍ରଛାୟା ତଳେ ଯାଜପୁର ଜିଲାର ବିଧାୟକ ମାନେ ଡଙ୍କାରୀ ଭଳି ପାହଡକୁ ଜିଲା ପ୍ରଶାସନର ସହଯୋଗରେ ଲୁଟୁଥିବାର ପ୍ରସଙ୍ଗ ଗଣମାଧ୍ୟମ ଏପରିକି ବିଜେଡି ବରିଷ୍ଠ ବିଧାୟକଙ୍କ ଆଲୋଖ୍ୟ ଆଧାରରେ ବିଧାନସଭାରେ ଏହାକୁ ପ୍ରସଙ୍ଗ କରାଯିବ ବୋଲି ଶ୍ରୀ ପୁରୋହିତ କହିଛନ୍ତି ।

ଏହା ସହ ରାଜ୍ୟରେ ବଢି ଚାଲିଥିବା ଦୁର୍ନୀତି, ମହିଳା ନିର୍ଯ୍ୟାତନା, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ଚାଷୀ ସମସ୍ୟାକୁ ପାର୍ଟି ମୁଖ୍ୟ ପ୍ରସଙ୍ଗ କରିବ ବୋଲି ଶ୍ରୀ ପୁରୋହିତ ସୁଚନା ଦେଇଛନ୍ତି ।

ବିଜେପି ବିଧାୟକ ଦଳ ନେତା ଶ୍ରୀ କେ.ଭି.ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଅଶ୍ୱିନୀ ଚୌବେ, ବିଧାୟକ ରବି ନାରାୟଣ ନାଏକ, ପ୍ରଦୀପ ପୁରୋହିତ, ନିତେଶ ଗଙ୍ଗଦେବ, ବିଧାୟିକା ରାଧାରାଣୀ ପଣ୍ଡା, ବିଜେପି ରାଜ୍ୟ ଉପ ସଭାପତି ସମୀର ମହାନ୍ତି, ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ଓ ଭୃଗୁ ବକ୍ସିପାତ୍ର, ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**